# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 14 August – 2025

**********************************

## ମୁଖ୍ୟ ସମ୍ବାଦ

- ଦେଶ ଆସନ୍ତାକାଲି ପାଳନ କରିବ ୭୯ ତମ ସ୍ୱାଧୀନତା ଦିବସ

– ଆଜି ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି

- ଦିଲ୍ଲୀ ଲାଲକିଲ୍ଲାଠାରେ ଆସନ୍ତାକାଲି ଜାତୀୟ ସମାରୋହରେ ପତକା ଉତ୍ତୋଳନ କରିବେ ପ୍ରଧାନମନ୍ତ୍ରୀ

- ସ୍ୱତନ୍ତ୍ର ସାହସିକତା ଏବଂ ସେବା ପୁରସ୍କାର ପାଇଁ ଦେଶର ୧ ହଜାର ୯୦ ଜଣ ସୁରକ୍ଷା ଅଧିକାରୀ ମନୋନୀତ; ଓଡ଼ିଶାରୁ ଅଛନ୍ତି ୨୨ ଜଣ

ଏବଂ

- ନୂଆ ଢାଞ୍ଚାରେ ମେଟ୍ରୋ ନିର୍ମାଣ ପାଇଁ ଗଠନ କରାଯିବ ବୈଷୟିକ କମିଟି; କହିଲେ ନଗର ଉନ୍ନୟନ ମନ୍ତ୍ରୀ

*Desk*

## ରାଷ୍ଟ୍ରପତି ଉଦ୍‌ବୋଧନ

ଦେଶ ଆସନ୍ତାକାଲି ଅଣାଅଶୀତମ ସ୍ୱାଧୀନତା ଦିବସ ପାଳନ କରିବ । ଏହା ପୂର୍ବରୁ ଆଜି ସନ୍ଧ୍ୟା ୭ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେବେ । ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍‌ରେ ଉଭୟ ହିନ୍ଦୀ ଓ ଇଂରାଜୀରେ ଏହାର ସିଧା ପ୍ରସାରଣ କରାଯିବ । ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପରେ ଦୂରଦର୍ଶନରେ ଏହାର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ଆକାଶବାଣୀରେ ରାତି ୯ଟା ୩୦ ମିନିଟ୍ ସମୟରେ ଆଞ୍ଚଳିକ ଭାଷାନ୍ତରଣ ପ୍ରସାରିତ ହେବ ।

*Desk*

## ପିଏମ୍-ଇଣ୍ଡିପେଣ୍ଡେନ୍ସ ଡେ

ଦିଲ୍ଲୀସ୍ଥିତ ଐତିହାସିକ ଲାଲକିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦେଶବାସୀଙ୍କୁ ସମ୍ବୋଧନ କରିବେ । ସମାଜର ବିଭିନ୍ନ ବର୍ଗର ପ୍ରାୟ ୫ହଜାର ସ୍ୱତନ୍ତ୍ର ଅତିଥିଙ୍କୁ ସମାରୋହରେ ଯୋଗଦେବା ଲାଗି ନିମନ୍ତ୍ରଣ କରାଯାଇଛି ।

୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୧୦ଜଣ ପଞ୍ଚାୟତ ପ୍ରତିନିଧିଙ୍କୁ ମଧ୍ଯ ଯୋଗଦେବା ପାଇଁ ସ୍ୱତନ୍ତ୍ର ଅତିଥିଭାବେ ନିମନ୍ତ୍ରଣ କରାଯାଇଛି । ଗ୍ରାମ ପଞ୍ଚାୟତରେ ଉନ୍ନତ ଭିତ୍ତିଭୂମି ସେବା ଓ ସାମୁହିକ ପଦକ୍ଷେପ ଗ୍ରହଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଥିବା ଏହି ଅତିଥିମାନଙ୍କୁ ଆଜି ନୂଆଦିଲ୍ଲୀଠାରେ ସମ୍ବର୍ଦ୍ଧିତ କରାଯିବ । ଚଳିତବର୍ଷ ଏହି କାର୍ଯ୍ୟକ୍ରମର ବାର୍ତ୍ତା ରହିଛି "ଆତ୍ମ ନିର୍ଭର ପଞ୍ଚାୟତ - ବିକଶିତ ଭାରତର ପରିଚୟ" ।

ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ଉଦ୍‌ବୋଧନ ଦେବେ ।

***Desk***

# ପୋଲିସ ମେଡାଲ୍ସ

ସ୍ୱାଧୀନତା ଦିବସ ଅବସରରେ ଆସନ୍ତାକାଲି ଏକହଜାର ୯୦ଜଣ ସୁରକ୍ଷା ଅଧିକାରୀଙ୍କୁ ସ୍ୱତନ୍ତ୍ରେ ସାହସିକତା ଓ ସେବା ପୁରସ୍କାର ପ୍ରଦାନ କରାଯିବ । ପୁଲିସ ଅଧିକାରୀ, ଅଗ୍ନିଶମ ବାହିନୀ, ହୋମ୍‌ଗାର୍ଡ ଏବଂ ପ୍ରତିରକ୍ଷା କ୍ଷେତ୍ରର ବିଭିନ୍ନ କର୍ମଚାରୀଙ୍କୁ ଏହି ମେଡାଲରେ ସମ୍ମାନିତ କରାଯିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସାହସିକତା ପାଇଁ ୨୩୩ଜଣଙ୍କୁ ପଦକ ପ୍ରଦାନ କରାଯିବାକୁ ଥିବାବେଳେ

୯୯ଜଣଙ୍କୁ ରାଷ୍ଟ୍ରପତିଙ୍କ ମେଡାଲ ପ୍ରଦାନ କରାଯିବ । ଉଲ୍ଲେଖନୀୟ ସେବା ନିମନ୍ତେ ୭୫୮ଜଣଙ୍କୁ ସେବା ମେଡ଼ାଲ ପ୍ରଦାନ କରାଯିବ ।

ସେଥିମଧ୍ୟରେ ଓଡ଼ିଶାର ଦୁଇ ଜଣଙ୍କୁ ରାଷ୍ଟ୍ରପତି ପଦକ ଏବଂ ୯ ଜଣଙ୍କୁ ସାହସିକତା ପଦକ ପ୍ରଦାନ ପାଇଁ ମନୋନୀତ କରାଯାଇଛି। ୧୧ ଜଣଙ୍କୁ ମଧ୍ୟ ଉଲ୍ଲେଖନୀୟ ସେବା ପଦକ ପ୍ରଦାନ କରାଯିବ।

***HS***

## ବିଭାଜନ ବିଭୀଷିକା ସ୍ମୃତି ଦିବସ

୧୯୪୭ ମସିହା ଅଗଷ୍ଟ ମାସ ୧୪ ତାରିଖ ଆଜିର ଦିନରେ ଦେଶ ବିଭାଜନ ହୋଇଥିଲା। ଏହି ଦିନକୁ ମନେପକାଇ ଦେଶ ଆଜି 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ପାଳନ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଣାଅସୀତମ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ଦୁଃଖଦ ବିଭାଜନକୁ ମନେପକାଇ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଆଜିର ଦିନ ଆମର ଇତିହାସର ଦୁଃଖଦ ଅଧ୍ୟାୟ ଦ୍ୱାରା ସୃଷ୍ଟ ହୋଇଥିବା ବିପ୍ଲବ ଓ ବେଦନାକୁ ସ୍ମରଣ କରାଇଥାଏ।  ଦେଶର ଏକତା ଓ ସମ୍ମିଳନୀର ବନ୍ଧନକୁ ଶକ୍ତିଶାଳୀ କରିବା ବର୍ତ୍ତମାନ ସମୟରେ ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ଶ୍ରୀ ମୋଦୀ କହିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜିର ଦିନରେ ସମସ୍ତ ଅମର ସ୍ୱାଧୀନତା ସଂଗ୍ରାମୀଙ୍କୁ ପ୍ରଣାମ ଜଣାଇଛନ୍ତି। ଆଜିର ଦିନ ଆମକୁ ଏକତା,

ସହଯୋଗ ଓ କରୁଣାକୁ ଜୀବନର ଆଧାର କରିବା ପାଇଁ ପ୍ରେରଣା ଦେଇଥାଏ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜିର ଦିନରେ ସଂଘର୍ଷ ସମୟରେ ବଳିଦାନ ଦେଇଥିବା ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

***HS***

## ବୟନ ଶିଳ୍ପ– ଆର୍ଥିକ ପ୍ରୋତ୍ସାହନ ରାଶି

ରାଜ୍ୟର ପରିଧାନ ଓ ବୈଷୟିକ ବୟନ ଶିଳ୍ପରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପାଇଁ ସରକାର ଆର୍ଥିକ ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି। ପ୍ରତ୍ୟେକ ମହିଳା ଶ୍ରମିକଙ୍କୁ ୭ ହଜାର ଟଙ୍କା ଓ ପୁରୁଷ ଶ୍ରମିକଙ୍କୁ ମାସିକ ୬ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ। କମ୍ପାନୀ ପ୍ରତିଷ୍ଠାଠାରୁ ପରବର୍ତ୍ତୀ ୫ ବର୍ଷ ପର୍ଯ୍ୟନ୍ତ ସରକାର କର୍ମଚାରୀଙ୍କୁ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରିବେ। ଏ ନେଇ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ସୂଚନା ମିଳିଛି।

***IPR***

## ରେଳ – ମାଲ୍ ପରିବହନ

ଦେଶର ପ୍ରଥମ ରେଳ ଜୋନ୍ ଭାବେ ପୂର୍ବତଟ ରେଳପଥ ମାତ୍ର ୧୩୪ ଦିନରେ ୧୦୦ ନିୟୁତ ଟନ୍ ସାମଗ୍ରୀ ପରିବହନ କରି ରେକର୍ଡ଼ ହାସଲ କରିଛି । ଗତବର୍ଷ ତୁଳନାରେ ୧୪୮ ଦିନ ପୂର୍ବରୁ ସାମଗ୍ରୀ

ପରିବହନ କ୍ଷେତ୍ରରେ ୧୦ ଦଶମିକ ୭ ପ୍ରତିଶତ ବୃଦ୍ଧି ଘଟିଛି । କୋଇଲା, ଲୁହାପଥର, ସିମେଣ୍ଟ, ସାର ଓ ଖାଦ୍ୟଶସ୍ୟ ଲୋଡ଼ିଂରେ ଗତବର୍ଷ ତୁଳନାରେ ଚଳିତବର୍ଷ ଅଭିବୃଦ୍ଧି ଘଟିଛି । ଦେଶର ୧୭ଟି ରେଳ ଜୋନ୍ ମଧ୍ୟରେ ପୂର୍ବତଟ ରେଳପଥକୁ ଏହି ସଫଳତା ମିଳିଛି ।

***Desk***

## ମେଟ୍ରୋ ନିର୍ମାଣ

ରାଜ୍ୟରେ ନୂଆ ଢାଞ୍ଚାରେ ମେଟ୍ରୋ ନିର୍ମାଣ ପାଇଁ ବୈଷୟିକ କମିଟି ଗଠନ ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ମେଟ୍ରୋ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯିବ। କମିଟି ବିଭିନ୍ନ ସହରକୁ ଯାଇ ସ୍ଥିତି ଅନୁଧ୍ୟାନ ସହ ନୂଆ ଟ୍ରାକ୍ ନେଇ ରିପୋର୍ଟ ଦେବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ମେଟ୍ରୋ ଚଳାଚଳ ମାର୍ଗ ନିର୍ଦ୍ଧାରଣ, ପାର୍କିଂ ଅଞ୍ଚଳ ଏବଂ ଗମନାଗମନ ସହଜତା ଯୋଜନା ପ୍ରସ୍ତୁତ ହୋଇଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି।

**- V/O –**

***Rayagada//Malkangiri/Nabarangpur/Boudh/Ganjam/Subarnpur/Nayagarh***

## ତ୍ରିରଙ୍ଗା ଶୋଭାଯାତ୍ରା

ରାଜ୍ୟର ବିଭିନ୍ନ ସ୍ଥାନରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ଲୋକ ଅତ୍ୟନ୍ତ ଉତ୍ସାହର ସହ ଅଂଶଗ୍ରହଣ କରୁଛନ୍ତି। ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ....

ତ୍ରିରଙ୍ଗା ଆମ ସ୍ୱାଭିମାନ ଓ ଗୌରବର ପ୍ରତୀକ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଶ୍ରୀମତୀ ପରିଡ଼ା ଆଜି ନିଜ ବାସଭବନରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ପତାକା ଉଡ଼ାଇଛନ୍ତି।

ନୟାଗଡ଼ ଜିଲ୍ଲା ଦଶପଲ୍ଲାରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଗନ୍ନାଥପ୍ରସାଦ ବ୍ଲକ ତାରା ସିଂହ ମଣ୍ଡଳର ୮ଟି ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି।

ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍‌ଠାରୁ ଆଜି ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ସହରର ସମସ୍ତ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଯୋଗ ଦେଇଥିଲେ।

ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଭିଯାନରେ ମିନିମାରାଥନ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।  ମୁନିଗୁଡ଼ା ତ୍ରିରଙ୍ଗା ଶୋଭାଯାତ୍ରା କମିଟି ପକ୍ଷରୁ ୪୦୦ ମିଟରରୁ ଊର୍ଦ୍ଧ୍ୱ ଲମ୍ବ ବିଶିଷ୍ଟ ତ୍ରିରଙ୍ଗା ସହର ପରିକ୍ରମା କରିଥିଲା।

ମାଲକାନଗିରି ଜିଲ୍ଲାର ବସ୍ଷ୍ଟାଣ୍ଡଠାରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଆଜି ଏହି ଅଭିଯାନରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଧାୟକ ନରସିଂହ ମାଡ଼କାମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ନବରଙ୍ଗପୁରଠାରେ ଆଜି ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅବସରରେ ଏକ ବାଇକ ଶୋଭାଯାତ୍ରାରେ ଯୋଗ ଦେଇଥିଲେ ।

ସୁବର୍ଣ୍ଣପୁରଠାରେ ଏକ ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା । ଏଥିରେ ବିଧାୟକ ରଘୁନାଥ ଜଗଦଳା ଏବଂ ଏନ୍.ସି.ସି. ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

***Puri***

## ଧର୍ମେନ୍ଦ୍ର ପ୍ରଧାନ- ଶ୍ରୀମନ୍ଦିର

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପୁରୀ  ଗସ୍ତରେ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ଦର୍ଶନ ପରେ ଶ୍ରୀ ପ୍ରଧାନ' ଜାତୀୟ ଶିକ୍ଷା ନୀତି ସମ୍ପର୍କରେ ଆଲୋଚନା କରିଛନ୍ତି । ପ୍ରାଥମିକ ସ୍କୁଲରେ ଓଡ଼ିଆ ଭାଷାରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ଇଂରାଜୀ ସ୍କୁଲରେ ମଧ୍ୟ ନିଜ ମାତୃଭାଷାରେ

ପାଠପଢ଼ା ନେଇ ରାଜ୍ୟ ସରକାର ପଦକ୍ଷେପ ନେବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

**- V/O -**

ଏଥିସହ ଶ୍ରୀମନ୍ଦିର ଭିତରେ ଥିବା ସ୍କୁଲର ପୁନରୁଦ୍ଧାର ନେଇ ଜିଲ୍ଲାପାଳ, ଶିକ୍ଷା ବିଭାଗ ଅଧିକାରୀ ଓ ଶିକ୍ଷା ମନ୍ତ୍ରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଛନ୍ତି । ଏହି ଅବସରରେ  ଶ୍ରୀ ପ୍ରଧାନ' ତୃତୀୟ ସର୍ବଭାରତୀୟ ଟି-୧୦ ଟେନିସ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବ୍ରୋଚର ବିବରଣୀ ପୁସ୍ତିକାର ଉନ୍ମୋଚନ କରିଛନ୍ତି ।

***Puri***

## ଶ୍ରୀକୃଷ୍ଣ ଜନ୍ମ ଉତ୍ସବ

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ପାଳନ କରାଯିବ । ଏ ନେଇ ଆଜି ଶ୍ରୀମନ୍ଦରିରେ ସନ୍ଧ୍ୟା ଆଳତୀ ସମୟରେ ପରମ୍ପରା ଅନୁସାରେ ଠାକୁରଙ୍କୁ ଛଅ ମୂର୍ତ୍ତି ଅଳଙ୍କାର ଲାଗି କରାଯିବ । ପରେ ଜୟ ବିଜୟ ଦ୍ୱାର ବନ୍ଦ କରାଯିବା ସହ ଟେରାବନ୍ଧା ହେବାପରେ ମହାପ୍ରଭୁଙ୍କ ନିକଟରେ ଯେଉଟ ଭୋଗ ଲାଗି ହେବ । ମୁଦିରସ୍ତ ସେବାୟତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିବେ । ତିନିପୂଜା ପଣ୍ଡା ପଞ୍ଚାକ୍ଷର ମନ୍ତ୍ରରେ ପୂଜା କରିବା ସହ ମୁଦିରସ୍ତ ତିନିବାଡ଼ରେ ବନ୍ଦାପନା କରିବେ । ଏହାକୁ ଗର୍ଭ ଉଦକ ବନ୍ଦାପନା କୁହାଯାଏ । ମହାପ୍ରଭୁ ଶ୍ରୀଜଗନ୍ନାଥ' ଦେବକୀ ମା'ଙ୍କ ଗର୍ଭରେ ଥିବାରୁ ସୁଖ ପ୍ରସବ ଲାଗି ତାଙ୍କୁ ଯେଉଟ ପ୍ରସାଦ ଲାଗି କରାଯିବାର ପରମ୍ପରା ରହିଛି ।

*BHK*

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବନ୍ଧଗାଁ ଉଚ୍ଚ ବିଦ୍ୟାଳୟରେ 'ଆସ ଆମେ ସ୍କୁଲ ଯିବା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ କାର୍ଯ୍ୟକ୍ରମରେ ଯୋଗଦେଇ ଆଇନସେବା ପ୍ରାଧିକରଣ ନିୟମ-୧୯୮୭ର ବିଭିନ୍ନ ବିଧିବ୍ୟବସ୍ଥା, ନିଃଶୁଳ୍କ ଆଇନସେବା, ନାଲସା ସହାୟତା ନମ୍ବର ୧୫୧୦୦ ବିଷୟରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ସମ୍ବିଧାନର ଧାରା ୨୧ (କ)ରେ ଥିବା ଶିକ୍ଷାଗତ ଅଧିକାର ଉପରେ ଉପସ୍ଥିତ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ ।

*Boudh*

## ଚିକିତ୍ସା ପ୍ରଶିକ୍ଷଣ

ବୌଦ୍ଧ ଯୋଗିନ୍ଦ୍ର ଦେବ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଏକ ଦିବସୀୟ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜୁନିୟର ରେଡକ୍ରସ୍ ଅଧିକାରୀ ତଥା ପ୍ରାଥମିକ ଚିକିତ୍ସା ସାଧନକର୍ମୀ ନବକିଶୋରଦ ଦ୍ୱୀପ ଯୋଗଦେଇ ଛାତ୍ରମାନଙ୍କୁ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ସମ୍ପର୍କରେ ପ୍ରଶିକ୍ଷଣ ମାଧ୍ୟମରେ ବୁଝାଇଥିଲେ ।